# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**11 March - 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଶାସକ ଓ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଲେ ବାଚସ୍ପତି
- ଜିଲ୍ଲା ସ୍ତରରେ ଆଜିଠାରୁ ଆରମ୍ଭ ହେଲା ଲକ୍ଷପତି ଦିଦି କର୍ମଶାଳା
- ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଆଜି ପାଳନ କରାଯାଉଛି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଏବଂ

- ଚଳିତବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଆସନ୍ତା ଶୁକ୍ରବାରଦିନ ହେବ ଦୃଶ୍ୟମାନ

## ବିଧାନସଭା-ଇଣ୍ଟ୍ରୋ

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିନରେ ଶାସକ ଦଳ ଏବଂ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣାଧିନ ନ ରହିବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକାର୍ଯ୍ୟକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ବିଜେଡି ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଗୃହରେ ହୋ-ହଲ୍ଲା କରିଥିଲେ। ତେବେ ବିରୋଧିଙ୍କ ଗଣ୍ଡଗୋଳ ସତ୍ତ୍ୱେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜାରି ରହିଥିଲା। ବିରୋଧିଙ୍କ ବାରମ୍ବାର ବିରୋଧ ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମଧ୍ୟାହ୍ଣ ୧୨ଟା ଯାଏ ଓ ପରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

## ସଡକ ଯୋଜନା

ରାଜ୍ୟରେ ୫ ହଜାର ୧୯୭ଟି ଗାଁ ଓ ପଡାଗ୍ରାମକୁ ରାସ୍ତା ନାହିଁ ବୋଲି ବିଧାନସଭାରେ ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ସେ କହିଛନ୍ତି, ଚଳିତବର୍ଷ ଗ୍ରାମପଂଚାୟତ ଓ ପଂଚାୟତ ସମିତିମାନଙ୍କ ଦ୍ୱାରା ସର୍ବେକ୍ଷଣ କରାଯାଇ ସେହିସବୁ ଅଂଚଳକୁ ଚିହ୍ନଟ କରାଯାଇଛି। ସରକାରଙ୍କ ସଡକ ଯୋଜନା ଆଧାରରେ ଏହି ଗ୍ରାମ ଓ ପଡାଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି।

## ବେପରୁଆ ଗାଡି ଚାଳନା

ମୋ ବସ୍ ଚାଳକଙ୍କ ଦାୟିତ୍ୱହୀନତା ଗାଡି ଚାଳନା ଯୋଗୁଁ ବିଭିନ୍ନସ୍ଥାନରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନସଭାରେ କହିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ବସ୍‌ଗୁଡ଼ିକର ଘଣ୍ଟାପ୍ରତି ଗତି ଧାର୍ଯ୍ୟ କରାଯାଇଛି। ବୈଦ୍ୟୁତିକ ବସ୍ ପାଇଁ ୩୫ କିଲୋମିଟର ସହର ମଧ୍ୟରେ ଡିଜେଲ ବସ୍ ପାଇଁ ଘଣ୍ଟାପ୍ରତି ୪୦ କିଲୋମିଟର ଏବଂ ଜାତୀୟ ରାଜପଥରେ ଚାଲୁଥିବା ୧୬ଟି ବସ୍ ପାଇଁ ୫୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ସୀମିତ ରଖାଯାଇଛି। କ୍ରୁଟ୍ ଦ୍ୱାରା ୨୦୧୯ ମସିହାଠାରୁ ଏପର୍ଯ୍ୟନ୍ତ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ପ୍ରାୟ ୨ କୋଟି ୯୫ ଲକ୍ଷ ଟଙ୍କା ବୀମା ପଲିସି ବାବଦରେ କ୍ଷତିପୂରଣ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ଗୃହରେ କହିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ଖର୍ଚ୍ଚ

ଚଳିତ ଆର୍ଥିକବର୍ଷରେ ରାଜ୍ୟ ସରକାରଙ୍କର ୧୦ଟି ବିଭାଗର ଖର୍ଚ୍ଚ ୫୦ ପ୍ରତିଶତରୁ କମ୍ ଥିବା ଜଣାପଡିଛି। ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚ ଫେବୃୟାରୀ ମାସ ସୁଦ୍ଧା ସବୁଠାରୁ କମ୍ ୧୪ ପ୍ରତିଶତ ଥିବାବେଳେ କ୍ରୀଡା ଓ ଯୁବସେବା ବିଭାଗ ୨୨ ପ୍ରତିଶତ, ଇସ୍ପାତ୍ ଓ ଖଣି ଏବଂ ମିଶନଶକ୍ତି ବିଭାଗ ୨୪ ପ୍ରତିଶତ ଖର୍ଚ୍ଚ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ଆର୍ଥିକବର୍ଷରେ ନିର୍ବାଚନ ଏବଂ ବଜେଟ୍ ଉପସ୍ଥାପନରେ ବିଳମ୍ବ ଯୋଗୁଁ ସୀମିତ ସମୟ

ମଧ୍ୟରେ ବିଭାଗ ଗୁଡ଼ିକ ଖର୍ଚ୍ଚ କରିପାରି ନଥିବା ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

## ଉଜ୍ଜ୍ୱଳା ଯୋଜନା

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧିନରେ ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ୧୦ କୋଟି ୩୩ ଲକ୍ଷ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ରାଜ୍ୟରେ ୫୫ ଲକ୍ଷ ୫୦ ହଜାର ହିତାଧିକାରୀଙ୍କୁ ଉଜ୍ଜ୍ୱଳା ସଂଯୋଗ ଦିଆଯାଇଛି ବୋଲି ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮ କୋଟି ହିତାଧିକାରୀଙ୍କୁ ଗତ ୨୦୧୯ ସେପ୍ଟେମ୍ବର ସୁଦ୍ଧା ଗ୍ୟାସ ସଂଯୋଗ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ହିତାଧିକାରୀଙ୍କୁ ଗ୍ୟାସ୍ ଆବଣ୍ଟନ କରିବା ପାଇଁ ୨୦୨୧ ମସିହାରେ ଉଜ୍ଜ୍ୱଳା-୨.୦ ଆରମ୍ଭ କରାଯାଇଥିଲା।

## ଜିଏସ୍‌ଟି ଠକେଇ

ଚଳିତ ଆର୍ଥିକବର୍ଷରେ ୧ ଲକ୍ଷ ୯୫ ହଜାର କୋଟି ଟଙ୍କାର ଦ୍ରବ୍ୟ ଓ ସେବା କର-ଜିଏସଟି ଠକେଇ ହୋଇଥିବା ଲୋକସଭା ରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ଗତ ୫ ବର୍ଷ ମଧ୍ୟରେ ୬ ଲକ୍ଷ ୭୯ ହଜାର କୋଟି ଟଙ୍କାର ଜିଏସ୍‌ଟି ଠକେଇ ହୋଇଥିଲା।  ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୮୭ ହଜାର ଜିଏସ୍‌ଟି ଠକେଇ ମାମଲା ଚିହ୍ନଟ କରାଯାଇଛି। ସୂଚନା ଅନୁସାରେ, ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ଅନୁପାଳନକୁ ଉନ୍ନତ କରିବା

ଏବଂ ଟିକସ ଫାଙ୍କି ରୋକିବା ପାଇଁ କେନ୍ଦ୍ର ସରକାର ଏବଂ ଜିଏସ୍‌ଟି-ଏନ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି ।

## ଲକ୍ଷପତି ଦିଦି କର୍ମଶାଳା

ରାଜ୍ୟର ସବୁ ଜିଲ୍ଲାରେ ଆଜିଠାରୁ ଲକ୍ଷପତି ଦିଦି କର୍ମଶାଳା ଆରମ୍ଭ ହୋଇଛି । ତୃଣମୂଳ ସ୍ତରରେ କିପରି ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯାଇ ପାରିବ ସେ ନେଇ କର୍ମଶାଳାରେ ଆଲୋଚନା ଚାଲିଛି । ଏହାସହ ବିଭିନ୍ନ ସରକାରୀ ବିଭାଗର ସହଭାଗିତାରେ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ କ୍ଷମତା, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଓ ବ୍ୟବସାୟ ବୃଦ୍ଧି ଆଦି ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି । ଏଥିରେ ପ୍ରତ୍ୟେକ ଜିଲ୍ଲାର କମ୍ୟୁନିଟି ସପୋର୍ଟ ଷ୍ଟାଫ, ସମ୍ଭାବ୍ୟ ଲକ୍ଷପତି ଦିଦି ଓ ଲକ୍ଷପତି ଦିଦି ପ୍ରମୁଖ ଭାଗ ନେଇଛନ୍ତି । ସୂଚନାଯୋଗ୍ୟ କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ରାଜ୍ୟ ସରକାର ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି । **ସମ୍ବଲପୁର** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଲକ୍ଷପତି ଦିଦି କର୍ମଶାଳାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ସହିତ ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି । **ନୂଆପଡା** ଜିଲ୍ଲା ସଦର ମହକୁମା ସ୍ଥିତ ପୁରୁଣା ପୋଲିସ୍ ପଡିଆଠାରେ ଆୟୋଜିତ କର୍ମଶାଳାରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପ୍ରୋତ୍ସାହନ ରାଶିର ସଦ୍ ବିନିଯୋଗ କରି ଆର୍ଥିକ ବିକାଶ ପଥରେ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଛନ୍ତି । **ବଲାଙ୍ଗିର** ଜିଲ୍ଲାରେ ୫୦ ହଜାର ଲକ୍ଷପତି ଦିଦି ସୃଷ୍ଟି କରିବା

ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଉଛି ବୋଲି ଜିଲ୍ଲାପାଳ ଗୌରବ ଶିବଜୀ ଇସଲୱାଲ କହିଛନ୍ତି।

## ସିଆଇଏସ୍ଏଫ୍

'ସୁରକ୍ଷିତ ତଟ, ସମୃଦ୍ଧ ଭାରତ' ବାର୍ତ୍ତା ନେଇ ସମୁଦ୍ର ଉପକୂଳ ସୁରକ୍ଷା ପାଇଁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ସି.ଆଇ.ଏସ.ଏଫ୍. ପକ୍ଷରୁ ଏକ ସାଇକଲ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ସାଇକେଲ ରାଜଲି ଭଦ୍ରକ ଜିଲ୍ଲା ଧାମରା ନିକଟ କଇଥକୋଲାଠାରେ ପହଞ୍ଚିଛନ୍ତି। ଏହି ସାଇକେଲ ଯାତ୍ରା ଦେଶର ୧୧ଟି ରାଜ୍ୟର ୬ ହଜାର ୫୫୩ କିଲୋମିଟର ଯାତ୍ରା ପରିକ୍ରମା କରିବାର ଲକ୍ଷ୍ୟ ରହିଛି। ପୂର୍ବ ଉପକୂଳର ସମୁଦାୟ ୨ ହଜାର ୭୭୮ କିଲୋମିଟର ପରିକ୍ରମା କରିବାକୁ ଥିବାବେଳେ ରାଜ୍ୟର ୯୮ କିଲୋମିଟର ଅତିକ୍ରମ କରିବ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ସି.ଆଇ.ଏସ୍.ଏଫ. ବରିଷ୍ଠ କମାଣ୍ଡାଣ୍ଟ ଅଧିକାରୀ ଅକ୍ଷତ ପଟେଲ, ସହକାରୀ ଅଧିକାରୀ ବି ଭି ଦୁର୍ଗାପ୍ରସାଦ ପ୍ରମୁଖ ଯୋଗଦେଇ ସାଇକଲ ରାଲିକୁ ସ୍ୱାଗତ କରିଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଆକାଶବାଣୀକୁ କହିଛନ୍ତି....

**-V/O-**

ସୂଚନାଯୋଗ୍ୟ, ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ସାଇକେଲ ଯାତ୍ରା ଆସନ୍ତା ୩୧ ସୁଦ୍ଧା କନ୍ୟାକୁମାରୀର ସ୍ୱାମୀ ବିବେକାନନ୍ଦ ସ୍ମାରକୀଠାରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

## ଆଦର୍ଶ ବିଦ୍ୟାଳୟ ରୂପାନ୍ତରଣ

**ନୟାଗଡ଼** ଜିଲ୍ଲା କରବର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ 'ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ'ରେ ପରିଣତ କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ  କହିଛନ୍ତି। ଭାପୁର ବ୍ଲକ କରବର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, ଗୋଟିଏ ଅନୁଷ୍ଠାନ ଗଢ଼ିବାରେ ପ୍ରତିଷ୍ଠାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନୂତନ ପିଢ଼ି ଓ ପୁରାତନ ଛାତ୍ରଛାତ୍ରୀମାନେ ଅନୁଷ୍ଠାନକୁ ଆଗେଇ ନେବାକୁ ସେ ଆହ୍ୱାନ ଦେଇଥିଲେ। ଏ ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ନୟାଗଡ ଜିଲ୍ଲା ତଥା ସ୍ଥାନୀୟ ଅଞ୍ଚଳର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଏଣିକି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଜାତୀୟ ଶିକ୍ଷାନୀତି

ରାଜ୍ୟରେ ଖୁବ୍ ଶୀଘ୍ର ଜାତୀୟ ଶିକ୍ଷାନୀତି ଲାଗୁ ହେବ ବୋଲି ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସରକାରୀ ସ୍ତରରେ ଏ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଉଛି।  ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଅଭିଭାବକମାନଙ୍କୁ ଅବଗତ କରାଯିବା ସହ ଶିକ୍ଷକମାନଙ୍କୁ ଏ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯିବ।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଓଡ଼ିଆ ଭାଷାର ଉନ୍ନତି ତଥା ପ୍ରଚାର ପ୍ରସାର ପାଇଁ ଶାସ୍ତ୍ରୀୟ  ଓଡ଼ିଆ ଭାଷା ଦିବସ ଆଜି ପାଳନ କରାଯାଉଛି। ପ୍ରତିବର୍ଷ ମାର୍ଚ୍ଚ ମାସ ୧୧ ତାରିଖକୁ

ରାଜ୍ୟ ସରକାର ଶାସ୍ତ୍ରୀୟ  ଓଡ଼ିଆ ଭାଷା ଦିବସ ରୂପେ ପାଳନ କରିଥାନ୍ତି। ଏହି ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ ଜରିଆରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଆସନ୍ତା ଦିନରେ ରାଜ୍ୟର ଜନଜାତୀୟ ଭାଷାକୁ ନେଇ ଓଡ଼ିଆ-କୁଟିଆ-କୁଇ ଶବ୍ଦକୋଷ ପ୍ରସ୍ତୁତ କରାଯିବ ବୋଲି ଭାଷା ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ପ୍ରାଚୀନ କାବ୍ୟକୋଷ, ସାରଳା ଶବ୍ଦକୋଷ ଏବଂ ଉତ୍କଳ ଭାଷା ଅଭିଧାନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି।

## ଚନ୍ଦ୍ରଗ୍ରହଣ

ଚଳିତବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଆସନ୍ତା ୧୪ ତାରିଖରେ ଦେଖିବାକୁ ମିଳିବ। ଏହା ଆମେରିକା, ପଶ୍ଚିମ ୟୁରୋପ୍, ପଶ୍ଚିମ ଆଫ୍ରିକା, ଉତ୍ତର ଏବଂ ଦକ୍ଷିଣ ଆଣ୍ଟଲାଣ୍ଟିକ୍ ମହାସାଗର ଆଦି ଅଂଚଳରେ ଦୃଶ୍ୟମାନ ହେବ। ତେବେ ଏହା ଭାରତକୁ ଦୃଶ୍ୟମାନ ହେବ ନାହିଁ। ଭାରତୀୟ ସମୟ ପୂର୍ବାହ୍ଣ ୧୦ ୩୯ ମିନିଟ୍‌ରେ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୨ଟା ୧୮ ମିନିଟ୍‌ରେ ଶେଷ ହେବ। ସେହି ସମୟରେ ଲୋକମାନେ ଚନ୍ଦ୍ରକୁ ସମ୍ପୂର୍ଣ୍ଣ ରକ୍ତବର୍ଣ୍ଣ ବା ବ୍ଲଡ୍ ମୁନ୍ ଭାବେ ଦେଖିପାରିବେ। ଏହି ଦିନ ପୃଥିବୀ, ସୂର୍ଯ୍ୟ ଓ ଚନ୍ଦ୍ର ପାର୍ଶ୍ୱରେ ଗତି କରୁଥିବାରୁ ଓ ସୂର୍ଯ୍ୟଙ୍କ ଆଲୋକ କ୍ରିମ୍‌ସନ୍ ଏବଂ କପର ରଙ୍ଗର ହୋଇଯାଉଥିବାରୁ ଏହାକୁ ବ୍ଲଡ୍‌ମୁନ୍ ବୋଲି କୁହାଯାଏ।